

Digitized by srujanika@gmail.com

ଚାଲ ଚାଲ ଯିବା ମେଳଣ ଦେଖି

ଲେଖକ
କବି ଅନନ୍ତ ପଟ୍ଟନାୟକ

ପ୍ରକାଶକ
ପ୍ରିୟଦର୍ଶୀ
ଅନନ୍ତ ଆଲୋକ
ବାଦାମବାଡ଼ି-୧୨, ଫୋନ ୨୫୬୩

Digitized by srujanika@gmail.com

ଗୁଲ ଗୁଲ ଯିବା ମେଲଣ ଦେଖି

ଲେଖକ :

କବି ଅନନ୍ତ ପଟ୍ଟନାୟକ

ପ୍ରକାଶକ :

ପ୍ରିୟଦର୍ଶୀ

ଅନନ୍ତ ଆଲୋକ

ବାଦାମବାଡ଼ି, କଟକ-୧୨

୧୯୯୧

ମୁଦ୍ରଣ :

ସାଓ ପ୍ରିଣ୍ଟର୍ସ

ଚାନ୍ଦନୀଚୌକ, କଟକ

ମୂଲ୍ୟ : ୮ ଆଠଟଙ୍କା

ପିଲା,

ଯିଏ କବି ଅନନ୍ତ ପଟ୍ଟନାୟକଙ୍କ କବିତା
ଥରେ ପଢ଼ିଛି, ସେ ତାକୁ ଭୁଲି ପାରିନାହିଁ ।
ତା'ର ଭାବ, ଭାଷା, ପଦ ଓ ଛନ୍ଦଗୁଡ଼ିକ
ଏପରି ମନଭୁଲାଣିଆ ଯେ ତା ଆପେ ଆପେ
ମନରେ ବସା ବାନ୍ଧି ରହିଯାଆନ୍ତି ।
'ଶିଶୁ-ଲେଖା' ଓ ଅନ୍ୟାନ୍ୟ କ୍ଷେତ୍ରରେ
ତାଙ୍କର ଯେତେ ଶିଶୁ-କବିତା ପ୍ରକାଶ ପାଇଛି,
ତା'ଠୁଁ ବହୁ ଅଧିକ ପ୍ରକାଶ ନ ହୋଇ ରହିଛି ।
ଏଇଟି, ସେଇ ଅପ୍ରକାଶିତ ଲେଖା ମଧ୍ୟରୁ ଗୋଟିଏ ।

ପ୍ରତ୍ୟେକ ପିଲା ପ୍ରାଣରେ ଭରି ଆଗ୍ରହ ଓ
ପୁଲକର ଜୁଆର ତୋଳିବାର ଯେଉଁ ଉଦ୍ଦେଶ୍ୟ ନେଇ
ତାଙ୍କର ଲେଖା ଲିଖିତ, ସେଇ ଉଦ୍ଦେଶ୍ୟ ନେଇ
ତାହା ଆଜି ପ୍ରକାଶିତ ।

ସେହି ଉଦ୍ଦେଶ୍ୟର ସଫଳତା ନିର୍ଭର କରେ,
କବିଙ୍କର ସେହି ଅପ୍ରକାଶିତ ଲେଖାଗୁଡ଼ିକୁ
ପ୍ରକାଶ କରିବାରେ ।

ଏଇ ପ୍ରକାଶନ ଲବ୍ଧଅର୍ଥ
ତାଙ୍କର ସେହି ସ୍ମୃତି ଉଦ୍ଦେଶ୍ୟରେ ହିଁ ଅର୍ପିତ ।

Digitized by srujanika@gmail.com

ଗୁଲ୍ ଗୁଲ୍ ଯିବା
ମେଲଣ ଦେଖି

(୧)

ଗାଁଆଯାକ ଗଲେ ମେଲଣ ଦେଖି
କହ୍ଲା କୁକ୍‌କୁଡ଼ା ଚୂଲ ଟା' ଟେକ—

"କୁକ୍‌କୁର ଭାଇରେ, କୁକ୍‌କୁର ଭାଇ !
ଆମେ କି ଦୋଷୀ ରେ, ଦେଖିବା ନାହିଁ ?"

Digitized by srujanika@gmail.com

(୨)

କୁକ୍‌କୁର କହିଲା —''ଦ' କୋଶ ବାଟ,
ମଝିରେ ପାହାଡ଼ ବଣ ନଛାଟ,
କେମନେ ଯିବା ?



ଯାଉଁ ଯାଉଁ କାଲେ ଆସିବ ରାତ
ବାଘ-ଭାଲୁ-ଡରେ ଥରିବ ଛାତି,
କଣ କରିବା ?"

(୩)

କହିଲା କୁକ୍‌କୁଡ଼ା ହଲାଇ ମଥା—
"ଏଡ଼େ ଡରକୁଳା ସତେ ନା, ଭାଇ ?
ଟିଅ-ପରେ ତୁ ଭୁକ ବଡାଉ କଥା !
ମଥାରେ କ ବୁଦ୍ଧି ବକଟେ ନାହିଁ ।

Digitized by srujanika@gmail.com

(୪)

ବାଘ ହାବୁଡ଼ିଲେ ଉଠିବି ଗଛେ
ମୁଁ,
ଉଠିବି ଗଛେ !
ଗଛ-କୋରଡ଼ରେ ପଶିବୁ ପଛେ
ତୁ,
ପଶିବୁ ପଛେ !

(୫)

ରହିବା ତୁନି,
ବାଘ ଚାଲିଗଲେ ବାଘର ବାଟେ
ଚାଲିବା ଯାତକୁ ଖୁସିରେ ପୁଣି ।"

Digitized by srujanika@gmail.com

* ଗୁଚ୍ଛ *

(୬)

କୁକ୍କୁଡ଼ା ଥଣ୍ଟାରେ କୁକ୍କୁର ଭାଣ
ଗରବରେ କେଡ଼େ ଫୁଲାଇ ଛାତି,
ଗରଜି ଗରଜି କହିଲା, "ସାଥୀ !
କହିଲୁ କିସ ?

(୭)

ଯାହାର ପାଟିରେ ଦୁନିଆ ଥରେ,
ଚୋର-ତସ୍କର ପଳାଏ ଡରେ,
କେଉଁ କାଯକୁ ସେ ଖାତିର କରେ—
ଉପାଡ଼ି ଦେବନି ସବୁର ନିଶ—
କହିଲୁ କିସ ?"

(୮)

କହୁଁ କହୁଁ ଏହା, ସତକୁ ସତ,
ଯାତ ଦେଖିବାକୁ ମନ ଉଷତ !
ଡାକିଲା କୁକ୍କୁଡ଼ା, "ଗଡ଼ିଲା ବେଳ !
ଜମିବଣି ଢେଣେ ମେଳଣ, ଖେଳ,
ଜାମାକୁ ଜୁତାରେ ସଜାଇ ଦେହ
ଆଆ ତୁ ସାଥିରେ ! ଆଆ ରେ ଉଠି !"

Digitized by srujanika@gmail.com

(୯)

ବାଛଣାପେଡର କାଖରେ ନେଇ
କେତେ ବାଲବଣ ପାହାଡ଼ ଡେଇଁ—
ଚାଲିଲେ ଦୁହେଁ ରେ ଚାଲିଲେ ତହୁଁ,
ହରଷେ ଛୁଟି !

(୧୦)

ଦୁ'ଖୋଜ ଦଉଡ଼, ଖୋଜକେ ବସି
ଝାଲନାଲ ହୋଇ ଗପରେ ହସି,
ମନ-ଫୁଲ୍‌ଣିଆ କ ଗୀତ ଗାଇ
ଘୁଘୁର୍ ବଜାଇ ଚାଲିଲେ ଧାଇଁ ରେ
ଚାଲିଲେ ଧାଇଁ !

(୧୧)

ହେଲେ କି ହେବ
ଅସରା ବାଟ ତ
ବଣୁଆ ପାଟ
ସରିଲା ନାଇଁ ରେ ସରିଲା ନାଇଁ !
ପଶ୍ଚିମେ ବୁଡ଼ିଲେ ସୂରୁଯ ଦେବ ।

Digitized by srujanika@gmail.com

(୨୨)

କୁ ଲୁ କୁ ଲୁ ତାରା ଉଠିଲେ ଜଳି,
ଗହନ ରାତି ଯେ ଆସିଲା ମାଡ଼ି !
କୁକ୍‌କୁଡ଼ା ନ ଦେଉ ଡେଣା ତା' ଝାଡ଼ି
କୁକ୍‌କୁର କହିଲା "ଅନା ରେ ଭାଇ !
ବାଟଘାଟ ସବୁ ହଜିଲା କାହିଁ ।
ଆଉ ନ ପାରିବା ବଣରେ ଚଳି
ଖାଲ ଖମାରେ ବା ପଡ଼ିବା ଗଳି !
ସକାଳୁ ଯିବା;
ରାତିକ ଏଇଠି କୋଉଠି ଥିବା ।"

(୨୩)

କୁକ୍‌କୁଡ଼ା କହିଲା—"ପୁଟୁଳି ଫିଟା !
ରହିଛି ତହିଁରେ ଉଖୁଡ଼ା, ପିଠା,
ଆଣେ ମୁଁ ପତର, ଆଣେ ମୁଁ ପାଣି
ଖାଇବା, ସାଥି !
ଶୋଇବି ଯାଇ ମୁଁ ଗଛର ଡାଳେ,
ଗଛର ଖୋଲେ ତୁ ପୋହାବୁ ରାତି !"

Digitized by srujanika@gmail.com

(୧୪)

ନସର, ପସର ଘୋଷାରି ପାଦ
ଥାକୁଲୁ-ଥୁକୁଲୁ
ନ କର ଶବଦ, ବଣୁଆ ନାଦ—
ଛପି ଛପି କାହୁଁ କେଉଁଠୁ ଆସି ।

(୧୫)

'ବାଘୁଆ ବାଆଜି' ଚତୁର ହାର
କୁକ୍‌କୁଡ଼ା ଗଳାରୁ ପଡର ପାର ।
କୁକ୍‌କୁର ପଛରେ
ଆଉଜି ଗଛେ
ଜପି ଜପି ମାଳ ଉଠିଲା କାଶି—

(୧୭)

ଲହ ଲହ ତା'ର ଲାଲୁଆ ଜିଭ
ଥର ଥର ଓଠ କହୁଥାଏ ଥାଇ –
"ଝୋଲ୍ ମାରଲ୍ ରେ, ଉଡ଼ଲ୍ ଜୀବ !
ଦନମାନ କଛୁ ଖାଇ ତ ନାଇଁ !
ଦ' ପୋଷ ଉଖୁଡ଼ା ଦେଏ ରେ ଦେଏ !
କୋଟି କଇଲାଣ ନେଏ ରେ ନେଏ !"

(୧୮)

ଚମ୍କ କୁକ୍କୁର ଅମ୍କ ଗୁହୁଁ,
ଛୁଆଡ଼ ନାକରେ, ଖେଁକାରି ଗଲା !
କହଲ୍—"ବାଆଜି ! ପଲା ରେ ପଲା !
ଉଖୁଡ଼ା ଫୁଖୁଡ଼ା ପାଇବୁ କାହୁଁ !
ନାହୁଁ ରେ ନାହୁଁ;
ତୋ ପାଇଁ ନାହୁଁ !"

Digitized by srujanika@gmail.com

(୧୮)

କୁକ୍‌କୁର ବେକରେ ପକାଇ ହାତ
ବାଆଜି ବାଘ !
କଅଁଳ ସୋଗରେ ଦେଖାଇ ରାଗ !

ଘଡ଼ଘଡ଼ି ପରି କହିଲା ରଡ଼ି—
"କଇଲାଣ ମୋର ନେଏ ତୁ ଆଗ !

ଲୋକେ ଆଣ୍ଟୁପାଣ୍ଟୁ ଯାଉଚ ସଡ଼ି—
ମୁଁ,
ଯାଉଛି ସଡ଼ି !

ଉଖୁଡ଼ା ମୁଠିଏ ନ ଦେଲେ ମତେ
ନରକରେ ସିନା ମରିବୁ ପଡ଼ି !"

Digitized by srujanika@gmail.com

(୧୯)

ନ ପାଇ ଶବଦ କୁକ୍‌କୁର ଠଉଁ—
ଦେଖାଇ ଗଉଁ—
ନାଚ ନାଚ ଅରେ ଧାକ୍‌ଟାକ୍‌ଟା !
କହିଲା ବାଆଜି, "ଭୁଉ ମୋ ଉଖୁଡ଼ା,
ଭୁଉ ମୋ ପିଠା !

ରକତ ଝୁଣି ଢୋ ମାଉଁସ ଖାଇ,
ଦେଖାଇ ମୋହର ରାଜନପଣ,
ବଣରୁ ବଣ,
ବୁଲବ ଖେଦରେ
ଆପଣାର ଗୁଣ ବଖାଣି ଗାଇ !"

Digitized by srujanika@gmail.com

(୨୦)

"ବୁଲିବୁ କେସନେ ବଣକୁ ବଣ !
ଆ ଆ ତୋ' ସାଥିରେ କରେ ମୁଁ ରଣ ।
ରଇଥା' ଦେଖି ରେ, ରଇଥା ଦେଖି –
ଫୁଡ୍‌କିନ ଧାଇ ଚମକ ରୋଷେ
ବାଆଜି ବାଘର ବାଟକୁ ଛେକି –

(୨୧)

ଆଖିରୁ ତୋହର ଖୁମ୍ପି ଡୋଳା
ଅଣ୍ଟ ପୁରାଇ ତୋ ବହଲ କାନେ
ନଖରେ ବଦାରି ଚିରି ତୋ ଚମ,
ମାରିବି ଉଡେ ମୁଁ,
ମାରିବ ପ୍ରାଣେ !"

(୨୨)

କହିଲା କୁକୁଡ଼ା –
ଚୂଲକୁ ଚେକି !
ବଳୁଆ ହେଲେ କି ହେବ ରେ ବାଘ,
କଉଣଲୀ ପାଖେ ପାଏ କି ବାଗ,
ହାରିଲା ଆଗ !

Digitized by srujanika@gmail.com

(୨୩)

ଭାବିଲା, "ରଜା ମୁଁ, ଖାଇବି ମାଡ଼ !
ହସିବେ ପଶୁଏ,
ହସିବେ ମୋର ଏ ପାହାଡ଼ ଝାଡ଼ !"

ଲାଜରେ ସର
ଅବାଟ ବାଟେ ରେ,
ଅଘାଟ ଘାଟେ !
ପଳାଇଗଲା ରେ –
ନ ମରି, ମରି !

(୨୪)

ଭୁଇଁରୁ ନ ଉଠୁ କୁକ୍କୁର ଡରେ
ଆଉଁସି ଦେହ ତା ସେନେହ ଭରେ,

Digitized by srujanika@gmail.com

(୨୫)

କହିଲା କୁକ୍‌କୁଡ଼ା—"ଆ ଆ ରେ ଖରେ
ଆଉ ଭାଲୁଫାଲୁ ଆସିବେ ନାହିଁ,
ହାରିଚ ରଜା ସେ, ବାଘୁଆ ରଜା
ଖାଇ ପିଇ ଚାଲ ଶୋଇବା ଆଗୁଁ
ଗପସପ କରି ମାରିବା ମଜା ।"

(୨୬)

କୁକ୍‌କୁର 'ଘୁଁ ଗୁଡ଼' କୋରଡ଼ ଭଳେ
ଡାଳରେ ଉଅ କୁକ୍‌କୁଡ଼ା 'ହାଇ',
ଜହ୍ନ ଉଇଁଲା ଆକାଶେ କାହିଁରେ
ପାହାଡ଼ ପରେ !
ନଈରେ ନାଚଇ ଆଲୁଅ ନାଇ !

Digitized by srujanika@gmail.com

(୧୭)

ଘଡ଼ିଏ ନ ଯାଉଁ, ପାହିଲା ରାତି !
କୁକ୍କୁଡ଼ା ଡାକିଲା—"ଚନ୍ଦ୍ରଧର !
ପକ୍ଷୀ-ଜନମୁଁ ରକ୍ଷା କର
ତୁରିତେ ଉଠରେ
ଉଠ ରେ, ସାଥୀ !"

(୧୮)

କୁକ୍କୁଡ଼ା ଡାକରେ ଚେଇଁଲା ବଣ !
ବାଘ ଭାଲୁ ଯେତେ ଲୁଚିଲେ କାହିଁ !
ବାଟରେ ଚଳିଲେ ବାଟୋଇ ଜନ !
ଚଢ଼େଇ ବସାରୁ ଉଠିଲେ ଗାଇ !

Digitized by srujanika@gmail.com

(୨୯)

କାଲହୁଁ ଡ୍ରେକୀ !
ପାଖ ବୁଦାଡଲେ ଗାଡରେ କେଉଁଠି
ଥିଲା ରେ କୋକ !

(୩୦)

ମନକୁ ମନ
ନଦ ମଲମଲ ଆଖିରେ ହସି
ଭାବିଲା, ସକାଳୁ ମିଳିଲା "ଡ୍ରେକି—
ଗୃଟିଚୁଟି ସବୁ ଖାଇବ ବସି !"
କୁକ୍କୁଡାକୁ ଡାକ କହିଲା ଧୀରେ—
"ଓଳକ ନଅ !
କେଡେ ମିଠାଳିଆ ଗାଇଲ ଗୀତ,
ଆରେ ମୋ ମିତ !

ଆଉଥ ଥର ରେ—ଆଉଥ ଥରେ !
ମୋ ପାଖେ ଆସି ତୁ ଶୁଣାଇ ଦିଅ,
ସକାଳୁ ସକାଳୁ ଓଳକ ନଅ !"

Digitized by srujanika@gmail.com

✻ ଷୋହଳ ✻

(୩୧)

କୋକଶିଆଳର ସିଆଣା ଯୋଗ
ବୁଝିଲା କୁକ୍‌କୁଡ଼ା, କହିଲା, "ଭାଇ !
ତୋ' ପାଖେ ବସିବ, ବଢ଼ିଆ ଯୋଗ !
ପହରା ଯେ ମତେ, ରହିଛି ଘେରି ।
କହ ପହରାକୁ ଛାଡ଼ୁ ସେ ବାଟ !
ତେବେ ମୁଁ ତୋ' ପାଖେ କରିବ ନାଟ,
ଗାଇବ ଗୀତ –
ମନ ଉଲୁସାଇ ଡାକିବ ମିତ !–"

(୩୨)

ଗରଜି ଗରଜି ଡାକିଲା କୋକ—
କରିବ ରେ ତତେ କରିବ ମଡ଼ !
ଡାକିଲା ପହରା ଛାଡ଼ିଦେ ବାଟ ।
ଚରିବାରେ ତେ ର "ଧୋଡ଼କା ଧଡ—
ପିଠିରେ ବସାଇ ଯାଉଁଳ ଛାଟ—
ତୁହାକୁ ତୁହା ସେ କହିଲା ଡାକ !

(୩୩)

ଗହଳ ଡାଳକୁ କୁକ୍‌କୁର ଘୁଞ୍ଚି
ନିଦ-ଅଳସରେ ମାରିଲା ହାଇ—
ମିଟିମିଟି କରୁଁ ତରାଟି ଆଖି—
କହିଲା,—"ଦେଖାନା ବହପ ଆଉ !
ଜାଣେ ରେ ତୋହର ବଳର ଦାଉ—
ଆପଣା ରକତ ମରିବୁ ଚାଖି !

Digitized by srujanika@gmail.com

ଏଧାରେ ସେଧାରେ କରନ୍ତ ସିଧା
ରଖିବନି ତୋର ଗୋଲାଖି ବାକୀ,
କହିଲା, କୁହାଟି,
ରହିଲେ ଏ ଗଛବୁଲୁଛ ସାକ୍ଷୀ !

କହୁ ନ କହୁଁ ସେ ମାରିଲା କୁଦା,
ଥରିଗଲା ମାଟି, ବଣର ବୁଦା –
ଛାନିଆ କୋକ—
ଆପଣା ଲାଳକୁ ଆପେ ସେ ଢୋକ
ଲାଞ୍ଜ ଜାକିଣ ଧାଇଁଲା କାହିଁ !
ପଛକୁ ଟିକିଏ ଚାହିଁ ନ ଚାହିଁ !!

Digitized by srujanika@gmail.com

(୩୬)

ଢାଳର ଉପରେ ବଜାଇ ଢାଳ,
କୁକ୍କୁର କୁକ୍କୁଡ଼ା ନାଚଲେ ଖାଲ—
କଲରେ ବଲରେ ଭଗାଇ ଜିଣି,
ଗ୍ଭଲିଲେ ଯାଉକୁ ଦରବ କିଣି ।”

(୩୭)

କୁକ୍କୁର ପିଠିରେ କୁକ୍କୁଡ଼ା ରହି-
ହଲାଇ ଚୂଳକୁ ଦେଖାଇ ଛଇ !!
ଛୁଟିଲା କୁକ୍କୁର ଝୁଲି ଝୁଲିକା-
ପୁଲି ପୁଲିକା !!
ଦଉଡ଼ି ସାଥୀ ଯେ ଚଳଲେ ଖରେ
ହରଷ ଭରେ,
ବାଣ୍ଟ ରହିଗଲା ବାଣ୍ଟର ଘରେ !”

Digitized by srujanika@gmail.com

କୁନୁମୁନି ଚିଠି ଲେଖେ ଚୁନୁମୁନି ଜାଣିବୁ

(୧)

କୁନୁମୁନ ଚିଠି ଲେଖେ–
ଚୁନୁମୁନ ଜାଣିବୁ
ସୁନୁସୁନ ଶାଗ କଛି
ମୋଓ ପାଇଁ ଆଣିବୁ ।

ଟୁନୁଟୁନ ! ନିଦ ମୋତେ
ଲାଗୁ ନାହିଁ ସହରେ
ସୁନୁସୁନ ଶାଗ ଖାଇ
ଶୋଇବି ମୁଁ ପହରେ !

Digitized by srujanika@gmail.com

ସହର ଏ! ଘନସ୍ତ
ଏଠି ଖାଲି ଘୋଉ ଘା,
ମିଛୁଟାରେ ବାଟଘାଟେ
କଥା ଶୁଭେ ଫୋଉଫା—
ବାଟେ ଘାଟେ ଧୋଉ ଧା
କଥା ଶୁଭେ ଫୋଉ ଫା ।

ରିକ୍ସାର ଟିଣିଟିଣି
ଶଗଡ଼ର କେଏଁ କେଁ
ଘୋଡ଼ାଗାଡ଼ି ଖଟଖଟ
ସଇସର ହେଁ ଏ ହେଁ
ସାଇକଲ୍ ଟୁନ୍‌ଟୁନ୍
ମଟରର ପେଏଁ ପେଁ –

କାହିଁ କାନ୍ଦ ଘାଇଁ ଘାଇଁ
କାହିଁ ପୁଣି ଘୁଉଁ ଘୁ ;--
ବୁଢ଼ାବୁଢ଼ୀ ଟେଁ ଟ୍ରୁଁ
ଛୁଆଛୁଇ ଭେଏଁ ଭାଁ
ଏଠି ମନ ଲାଗୁନି ଲୋ
ଖାଲି ହୁଏ କୁଉଁ କୁ

Digitized by srujanika@gmail.com

ଧାଇଁ ଧାଇଁ ସହରଟା
ସତେ ଆଟେ ସଅଁ ସଁ,
ଧୂଆଁଳଆ ଆକାଶରେ
ଏରୋପ୍ଲେନ୍ ଭଅଁ ଭଁ
କାହା ମୁହେଁ ହସ ନାହିଁ—
ସଭିଏଁ ଯେ ଫଅଁ ଫଁ !



ଯେଣେ ଗୃହଁ ମଣିଷ ତ
ଏଠି କଳ କବଜା
ସାବୁନରେ ହାତଧୁଆ—
ଦେହ ପଛେ ଅମଜା ।
ବଡ଼ ବଡ଼ କୋଠାଘର
ପାରାଭାଡ଼ି ଖୋଲରେ
କେହି କା'ରେ ଜାଣେ ନାହିଁ
ରହେ ନିଜ ଖୋଲରେ ।

Digitized by srujanika@gmail.com

ଚୁନୁମୁନି ! ମନ ହୁଏ
ସହରକୁ ଚଳାଇ
ଯିବ କାହିଁ ବଣ, ନଈ
ପାହାଡ଼କୁ ପଳାଇ ।

(୨)

ଚୁନୁମୁନି ଚିଠି ପାଇ
ଲେଖି ବସେ ସଅଳ
ସହର ତ ସୁତୁରି ଲୋ—
ଗାଆଁ ଆମ ମହଲ !
ଏ କି ନୂଆ କଥା ଏ ।
ସହରରେ ଥାଇ ପୁଣି
କାହା ମନ ବଥାଏ !
ସହରରେ ରାତ ପରି
ଆଲୁଅରେ ଝଲକେ,
ସୋରଷଟି ବାର ହୁଏ
ରାସ୍ତାରୁ ପଳକେ !

Digitized by srujanika@gmail.com

(୩)

କୁନୁମୁନ ଚଢ଼ିମଢ଼ି,
ଲେଖିବସେ ଉତ୍ତର,
ଡାଳଗଛେ ଝୁଲେ ନାହିଁ
ବହେ ନାଇଁ ପବନ ତ
ନଈ ନାଳ କୂଳେ କାହିଁ
ନାହିଁ ଏଥି ଶୁଆ ଶାରୀ

କଲମଟା କାମୁଡ଼ି
ଟେବୁଲରେ ହାମୁଡ଼ି ।
ବାଇ ଚଢ଼େଇ
ଫୁଲ ଫଳ ଝଡ଼େଇ ।
ତୋଟା ଛାଇ ଗହଳ
କୋଇଲର ଚହଳ ।

ସହରରେ କଳ ପାଣି
ଶୋଷୀ ଜନ ଆଞ୍ଜୁଳା
ଶୀତ ଦିନେ ଘରଦ୍ୱାର
ଶୀତଳାଇ ତହକରେ
ନେଳ ନାଲ କୁରୁଛାରେ
ମନୋହରୀ ଦୋକାନରେ

ଝୁରୁ ଝୁରୁ ଝର ଲୋ;
ଦିଏ ଜଳେ ଭର ଲୋ ।
କଳ ରଖେ ଉଷୁମ
କରିଦିଏ ନଉନ
ଦେହ ସବୁ ଚମକେ,
କେତେ ଚଜ ଜମକେ ।

Digitized by srujanika@gmail.com

* ଚଟଣି *

ଥିଏଟର ସିନେମାରେ କଉତୁକ, ମଉଜ,
ମଚମଚ ଗୃ‌ଲ କାହିଁ ପଢ଼ିଆରେ ପଉଜ ।
କ୍ଷୀରଗଜା ମେଲେ ପରି ରସଗୋଲା ଅନାଏ,
ଅମାନିଆ ମନକୁ ତ କି ରସରେ ମନାଏ ।

ଇସକୁଲ କଲେଜରେ ଖୋଲା ରୂପ ପସରା,
ନୂଆ ନୂଆ କାହାଣୀ ଟେଲା ଲାଗେ ନାହିଁ ଘଷରା ।
ଚୁନମୁନ ସେଥିପାଇଁ ବାହାରନ୍ତି ସହରେ,
ହସି ଖେଳ ଭାସି ଯିବ ଆଲୁଅର ଲହରେ ।